NATIONAL DAIRY PLAN
MISSION MILK
THE NEXT REVOLUTION

# ଖଣିଜ ମିଶ୍ରଣ (Mineral Mixture) କଣ ? ଓ ତାର ଆବଶ୍ୟକତା



ସାଧାରଣତଃ ଦୁଧିଆଳୀ ଗାଇ ମଇଁଷୀ ମାନଙ୍କ ଶରୀର ପୋଷଣ, ବୃଦ୍ଧି ତଥା ପ୍ରଜନନ ପାଇଁ ତା'ର ଦୈନିକ ଖାଦ୍ୟରେ ବିଭିନ୍ନ ପ୍ରକାର ଖଣିଜ ଉପାଦାନର ଆବଶ୍ୟକତା ରହିଛି । ଖଣିଜ ପଦାର୍ଥ ଯାହାକି ଅପେକ୍ଷାକୃତ ଅଧିକ ପରିମାଣରେ ଆବଶ୍ୟକ ହୋଇଥାଏ । ତାକୁ ମୁଖ୍ୟ ଅଥବା ମାକ୍ରୋ ଖଣିଜ ତତ୍ତ୍ୱ କୁହାଯାଇଥାଏ । ସେ ଗୁଡ଼ିକ ହେଲା - କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ମାଗ୍ନେସିୟମ୍, ପୋଟାସିୟମ୍, ସୋଡ଼ିୟମ୍, କ୍ଲୋରିନ୍ ଏବଂ ସଲ୍‌ଫର୍ ।

ଯେଉଁ ଖଣିଜ ତତ୍ତ୍ୱ ମାନଙ୍କର ଆବଶ୍ୟକତା ଅପେକ୍ଷାକୃତ କମ୍ ହୋଇଥାଏ, ତାକୁ ଲଘୁ ଖଣିଜ ତତ୍ତ୍ୱ ରୂପେ ଭାଗ କରାଯାଇଥାଏ । ସେ ଗୁଡ଼ିକ ହେଲା – ଆଇରନ୍, ଜିଙ୍କ୍, ମାଙ୍ଗାନିଜ୍, କପର୍, ଆୟୋଡ଼ିନ୍, କୋବାଲ୍ଟ ଏବଂ ସେଲେନିୟମ୍ ଯାହାକି ନିହାତି ଭାବରେ ଆବଶ୍ୟକ ।

ପଶୁଖାଉଥିବା ଖାଦ୍ୟରେ ଖଣିଜ ପଦାର୍ଥର ଅଭାବ ହେଲେ ଶରୀର ବୃଦ୍ଧିକାରୀ ଓ ଶକ୍ତିଦାୟକ ସମସ୍ତ ରାସାୟନିକ ପ୍ରକ୍ରିୟା ଶରୀର ଭିତରେ ଠିକ୍ ଭାବରେ ହୋଇପାରେ ନାହିଁ ଫଳରେ ପଶୁ ଦୁର୍ବଳ ହୋଇଯାଏ । ଯାହାକି ବାଛୁରୀ ବଢ଼ିବାରେ କ୍ଷୀର ଉତ୍ପାଦନରେ ଓ ବୟସ୍କ ପଶୁର ପୁନଃ ପ୍ରଜନନ କ୍ଷମତାରେ ହ୍ରାସ ହୋଇଥାଏ । ଯେହେତୁ ପଶୁର ଦେହରେ ଖଣିଜ ତତ୍ତ୍ୱ କୃତ୍ରିମ ପ୍ରକ୍ରିୟାରେ ତିଆରି ହୋଇପାରେ ନାହିଁ ତେଣୁ ପ୍ରାକୃତିକ ଉପାୟରେ ମିଳୁଥିବା ପରିପୂରକ ଖଣିଜ ତତ୍ତ୍ୱ ଗୁଡ଼ିକ ପଶୁକୁ ଖଣିଜ ମିଶ୍ରଣ ମାଧ୍ୟମରେ ଯୋଗାଇ ଦିଆଯାଇଥାଏ ।

## ପ୍ରୟୋଗ ବିଧି :

- ଦୁଧିଆଳୀ ଗାଇକୁ ପ୍ରତଦିନ ପ୍ରାୟ ୧୦୦ -୨୦୦ ଗ୍ରାମ ଲେଖାଏଁ ଦୁଗ୍ଧ ଉତ୍ପାଦନର ପରିମାଣ ଅନୁଯାୟୀ ।
- ମାଇ ବାଛୁରୀ (ଛଡ଼ା) ତଥା କ୍ଷୀର ଦେଉ ନଥିବା ପଶୁମାନଙ୍କୁ ୫୦ ଗ୍ରାମ ଲେଖାଏଁ ପ୍ରତିଦିନ ଖାଇବାକୁ ଦେବା ।
- ବାଛୁରୀ ମାନଙ୍କ ଓଜନ ବୃଦ୍ଧି ସକାଶେ ୨୦-୨୫ ଗ୍ରାମ ପ୍ରତିଦିନ କିମ୍ବା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ।

## ଖଣିଜ ମିଶ୍ରଣ ଖୁଆଇବାର ପଦ୍ଧତି :

ଖଣିଜ ମିଶ୍ରଣକୁ ଦାନା ସହିତ ମିଶାଇ କିମ୍ବା ୧୫-୨୦ ଗ୍ରାମ ସାଧାରଣ ଲୁଣ ସହ ମିଶାଇ ପଶୁକୁ ଖାଇବାକୁ ଦିଆଯାଇପାରେ । ସାଧାରଣତଃ, ମିଶ୍ରିତ ଗୋଖାଦ୍ୟରେ ଖଣିଜ ମିଶ୍ରଣ ମିଶାଯାଇଥାଏ । ତଥାପି ଅତିରିକ୍ତ ଆବଶ୍ୟକତା ପାଇଁ ଖଣିଜ ମିଶ୍ରଣ ଖୁଆଇ ତାହା ପୂରଣ କରାଯାଇଥାଏ ।

## ଖଣିଜ ମିଶ୍ରଣ ଖୁଆଇବାର ଲାଭ :

- ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ।
- ଅଣ୍ଡିରା ଓ ମାଇ ବାଛୁରୀର ପ୍ରଜନନ କ୍ଷମତାରେ ବୃଦ୍ଧି ।
- ବାଛୁରୀ ଶୀଘ୍ର ବୃଦ୍ଧି ହେବା ସହ ବୟସ୍କ ହୋଇଥାଏ ।
- ଦୁଇଟି ବାଛୁରୀ ଜନ୍ମ ବ୍ୟବଧାନରେ କମ୍ ସମୟ ।
- ପଶୁର ହଜମ କ୍ରିୟାରେ ସାହାଯ୍ୟ ।
- ଉତ୍ତମ ପ୍ରତିଷେଧକ କ୍ଷମତା ।
- ସୁସ୍ଥ ସବଳ ବାଛୁରୀ ଜନ୍ମ ଦେବା ।
- ପଶୁର ସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ।
- ନିର୍ଦ୍ଦିଷ୍ଟ ଅଂଚଳ ପାଇଁ ତିଆରି ହୋଇଥିବା ଖଣିଜ ଲବଣ କମ୍ ଖର୍ଚ୍ଚ ଓ ଅଧିକ ପ୍ରଭାବଶଳୀ ହୋଇଥାଏ ।

**ଡ଼େୟରୀ ପଶୁମାନଙ୍କୁ ଖାଦ୍ୟରେ ନିୟମିତ ଭାବେ ଖଣିଜ ମିଶ୍ରଣ ଓ ଭିଟାମିନ୍ ମିଶାଇ ଖାଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ଓ ପ୍ରଜନନ କ୍ଷମତା ସୁଧୁରିବାରେ ସାହାଯ୍ୟ କରିଥାଏ ।**

omfed

ସୌଜନ୍ୟ : ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁର

SAMUL